# NATIONAL NEWS BULLETIN (ODIA)

## 21 April - 2025

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ଏକ ବିକଶିତ ରାଷ୍ଟ୍ରର ଲକ୍ଷ୍ୟ ହାସଲ ପାଇଁ ସାମୂହିକ ପ୍ରୟାସ ଓ ସଂକଳ୍ପ ଉପରେ ଗୁରୁତ୍ୱାରୋପ କଲେ ପ୍ରଧାନମନ୍ତ୍ରୀ
- ଆମେରିକା ଉପରାଷ୍ଟ୍ରପତି ଜେ.ଡି ଭାନ୍ସ ଆଜି ରାତିରେ ଜୟପୁରକୁ ତିନିଦିନିଆ ଗସ୍ତରେ ଯାଇ ବିଭିନ୍ନ ଐତିହାସିକସ୍ଥଳୀ କରିବେ ପରିଦର୍ଶନ
- କର୍ମଚାରୀ ଭବିଷ୍ୟ ନିଧି ପାଣ୍ଠି ସଂଗଠନରେ ଚଳିତ ବର୍ଷ ଫେବୃଆରୀରେ ସାମିଲ ହେଲେ ୧୬ ଲକ୍ଷ ୧୦ ହଜାର ସଦସ୍ୟ
- ପୋପ୍ ଫ୍ରାନ୍ସିସ୍‌ଙ୍କ ବିୟୋଗରେ ଶୋକ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବିଶ୍ୱ ନେତୃବୃନ୍ଦ

ଏବଂ

- ଆଇପିଏଲ୍ କ୍ରିକେଟର ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଲା କୋଲକାତା ନାଇଟ୍ ରାଇଡର୍ସ

## ପିଏମ୍- ସିଭିଲ୍ ସର୍ଭିସେସ୍ ଡେ’

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆଗାମୀ ୧ ହଜାର ବର୍ଷର ଭବିଷ୍ୟତ ଗଠନକୁ ଦୃଷ୍ଟିରେ ରଖି ତାଙ୍କ ସରକାର କାର୍ଯ୍ୟ କରୁଛନ୍ତି। ଏହି ଦୃଷ୍ଟିକୋଣକୁ ସାକାର କରିବା ପାଇଁ ପ୍ରତ୍ୟେକ ଦିନ ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ଅକ୍ଲାନ୍ତ ପରିଶ୍ରମ କରିବାକୁ ଶ୍ରୀ ମୋଦୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ନୂଆଦିଲ୍ଲୀରେ ଆଜି ୧୭ତମ ପ୍ରଶାସନିକ ସେବା ଦିବସ ଅବସରରେ ପ୍ରଶାସନିକ କର୍ମଚାରୀମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୦ରୁ ୧୧ ବର୍ଷର ସଫଳତା ଏକ ବିକଶିତ ଭାରତର ମଜଭୁତ ଭିତ୍ତିଭୂମି ସ୍ଥାପନ କରିଛି। ଏକ ବିକଶିତ ରାଷ୍ଟ୍ରର ଲକ୍ଷ୍ୟ ହାସଲ ପାଇଁ ସାମୂହିକ ପ୍ରୟାସ ଓ ସଂକଳ୍ପର ଗୁରୁତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଭାରତ ବର୍ତ୍ତମାନ ଏହାର ଅଭିବୃଦ୍ଧି ପାଇଁ ନୁହେଁ ବରଂ ଶାସନ, ସ୍ୱଚ୍ଛତା ଏବଂ ଉଦ୍ଭାବନ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପିତ କରିବା ପାଇଁ ସ୍ୱୀକୃତି ପାଇଛି।

**V/O- PM---INDIA-AFTER-10-YRS**

ଶକ୍ତି, ନିରାପତ୍ତା, ସ୍ୱଚ୍ଛ ଶକ୍ତି, କ୍ରୀଡ଼ାର ଉନ୍ନତି ଏବଂ ମହାକାଶ ଗବେଷଣା କ୍ଷେତ୍ରରେ ସଫଳତା ସମେତ ଆଗାମୀ ବର୍ଷଗୁଡ଼ିକ ପାଇଁ ଭାରତର ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ବିଷୟରେ ସେ ଆଲୋକପାତ କରିଥିଲେ। ଭାରତ ଯେପରି ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ

ତାହା ସୁନିଶ୍ଚିତ କରିବା ପାଇଁ ପ୍ରଶାସନିକ କର୍ମଚାରୀଙ୍କର ଗୁରୁଦାୟିତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବାରେ ପ୍ରଶାସନିକ ଅଧିକାରୀମାନଙ୍କର ସହଯୋଗ କାମନା କରିଥିଲେ। ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପଦକ୍ଷେପ ମାଧ୍ୟମରେ ଦେଶର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ସାମାଜିକ ବିକାଶ ଏବଂ ମୌଳିକ ଭିତ୍ତିଭୂମିର ସୂଚକାଙ୍କରେ ଅଭୂତପୂର୍ବ ପରିବର୍ତ୍ତନ ଦେଖିବାକୁ ମିଳିଛି। ସେ କହିଛନ୍ତି, ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ଠିକ୍ ଭାବରେ ପହଞ୍ଚୁଛି କି ନାହିଁ ତାହା ଶାସନର ଗୁଣବତ୍ତା ଉପରେ ନିର୍ଭର କରେ। ଦ୍ରୁତ ପରିବର୍ତ୍ତନଶୀଳ ସମୟରେ ବୈଶ୍ୱିକ ଆହ୍ୱାନ ଉପରେ ତୀକ୍ଷ୍ଣ ନଜର ରଖିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି, ଦକ୍ଷିଣ ଗୋଲାର୍ଦ୍ଧରେ ଅବସ୍ଥିତ ଦେଶଗୁଡ଼ିକ ପାଇଁ ଖାଦ୍ୟ, ଜଳ ଓ ଶକ୍ତି ନିରାପତ୍ତା ଏବେବି ଏକ ଆହ୍ୱାନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**V/O- PM-ON-GLOBAL-SOUTH**

ଏହି ଅବସରରେ ଶ୍ରୀ ମୋଦୀ ଜିଲ୍ଲାର ସାମଗ୍ରୀକ ବିକାଶ, ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଏବଂ ସରକାରୀ କର୍ମଚାରୀଙ୍କୁ ସାଧାରଣ ପ୍ରଶାସନରେ ଉତ୍କର୍ଷତା ପାଇଁ ପ୍ରଧାନମନ୍ତ୍ରୀ ପୁରସ୍କାର ପ୍ରଦାନ କରିବା ସହ ଦୁଇଟି ଇ-ବୁକ୍‌ର ଉନ୍ମୋଚନ କରିଥିଲେ।

# ୟୁଏସ୍- ଭି.ପି. ଜୟପୁର ଭିଜିଟ୍

ଆମେରିକା ଉପରାଷ୍ଟ୍ରପତି ଜେ.ଡି.ଭାନ୍ସ ସପରିବାର ଆଜି ରାତିରେ ଜୟପୁର ଗସ୍ତ କରିବେ। ତାଙ୍କ ସହ ଆମେରିକା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ। ଶ୍ରୀ ଭାନ୍ସ ତିନିଦିନ ଜୟପୁରରେ ଅବସ୍ଥାନ କରିବେ। ଜୟପୁରରେ ତିନିଦିନର ରହଣି ସମୟରେ ଆମେରିକା ଉପରାଷ୍ଟ୍ରପତି ତାଙ୍କ ପରିବାର ସହ ବିଭିନ୍ନ ଐତିହାସିକସ୍ଥଳ ପରିଦର୍ଶନ କରିବେ। ସେଗୁଡ଼ିକ ମଧ୍ୟରେ ଆମେର ଦୁର୍ଗ, ସିଟି ପ୍ୟାଲେସ ଏବଂ ଯନ୍ତରମନ୍ତର ଆଦି ରହିଛି। ଶ୍ରୀ ଭାନ୍ସ ଜୟପୁରରେ 'ଭାରତ-ଆମେରିକା ବାଣିଜ୍ୟ ସମ୍ପର୍କର ଭବିଷ୍ୟତ' ଶୀର୍ଷକ ଏକ ବ୍ୟବସାୟିକ ସମ୍ମିଳନୀରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି। ଗସ୍ତ ଅବସରରେ ଶ୍ରୀ ଭାନ୍ସ ରାଜ୍ୟପାଳ ହରିଭାଉ ବାଗଡ଼େ ଏବଂ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତକୁ ଐତିହାସିକ ଓ ସ୍ମରଣୀୟ କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପାରମ୍ପରିକ ରାଜସ୍ଥାନୀ ସଂସ୍କୃତିରେ ଶ୍ରୀ ଭାନ୍ସଙ୍କୁ ସ୍ୱାଗତ କରାଯିବ। ଶ୍ରୀ ଭାନ୍ସ ବୁଧବାର ଆଗ୍ରାର ତାଜମହଲ ପରିଦର୍ଶନ କରିବେ ବୋଲି ଆମ ଜୟପୁର ସମ୍ବାଦଦାତା ଜଣାଇଛନ୍ତି।

## ଇପିଏଫ୍‌ଓ ମେମ୍ବର୍ସ

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ଇପିଏଫ୍‌ଓ ଚଳିତ ବର୍ଷ ଫେବୃଆରୀରେ ୧୬ ଲକ୍ଷ ୧୦ ହଜାର ସଦସ୍ୟଙ୍କୁ ଯୋଡ଼ିଛି। ଏହା ଫେବୃଆରୀ ୨୦୨୪ ତୁଳନାରେ ପ୍ରାୟ ୪ ପ୍ରତିଶତ ବୃଦ୍ଧି ହୋଇଛି। ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟର ସଦସ୍ୟମାନଙ୍କ ଏହି ବୃଦ୍ଧି ପାଇଁ ନିଯୁକ୍ତି ସୁଯୋଗ ବୃଦ୍ଧି, କର୍ମଚାରୀ ମାନଙ୍କ ସୁବିଧା ବିଷୟରେ ସଚେତନତା ବୃଦ୍ଧି ଏବଂ ଇପିଏଫ୍‌ଓ'ର ପ୍ରଭାବଶାଳୀ ପ୍ରଚାର ପଦକ୍ଷେପର ପରିଣାମ ବୋଲି କୁହାଯାଉଛି। ଇପିଏଫ୍‌ଓର ଅସ୍ଥାୟୀ ପେ' ରୋଲ୍ ତଥ୍ୟ ଅନୁଯାୟୀ ୨୦୨୫ ଫେବୃଆରୀରେ ପ୍ରାୟ ୭ ଲକ୍ଷ ୩୯ ହଜାର ନୂଆ ସଦସ୍ୟ ଯୋଡ଼ି ହୋଇଛନ୍ତି। ୧୮ରୁ ୨୫ ବର୍ଷ ବୟସ ବର୍ଗରେ ୪ ଲକ୍ଷ ୨୭ ହଜାର ନୂଆ ସଦସ୍ୟ ଯୋଡ଼ି ହୋଇଥିବା ତଥ୍ୟରୁ ଜଣାପଡ଼ିଛି। ସେହି ମାସରେ ପ୍ରାୟ ୨ ଲକ୍ଷ ୮ ହଜାର ମହିଳାଙ୍କୁ ନୂଆ ସଦସ୍ୟଭାବେ ସାମିଲ କରାଯାଇଛି। ଯାହାକି ଗତ ବର୍ଷ ଫେବୃଆରୀ ତୁଳନାରେ ୧ ଦଶମିକ ୨/୬ ପ୍ରତିଶତ ଅଧିକ।

## ପୋପ୍- ଫ୍ରାନ୍ସିସ୍ ୱାର୍ଲଡ ଲିଡର୍ସ

ପୋପ୍ ପ୍ରାନ୍ସିସ୍‌ଙ୍କ ବିୟୋଗରେ ସମଗ୍ର ବିଶ୍ୱର ନେତାମାନେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଦୀର୍ଘଦିନ ଧରି ଅସୁସ୍ଥ ରହିବା ପରେ ପୋପ୍ ଫ୍ରାନ୍ସିସ୍‌ଙ୍କର ଆଜି ଭାଟିକାନ୍‌ର

କାଶାଶାନ୍ତାମାର୍ଟାରେ ଥିବା ତାଙ୍କ ବାସଭବନରେ ୮୮ ବର୍ଷ ବୟସରେ ପରଲୋକ ଘଟିଥିଲା ।

ୟୁରୋପୀୟ ଆୟୋଗର ସଭାପତି ଉର୍ସୁଲା ଭନ୍ ଡେର୍ ଲେୟେନ୍ ପୋପ୍ ଫ୍ରାନ୍ସିସ୍ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ  ତାଙ୍କର ପରମ୍ପରା ବିଶ୍ୱକୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି। ୟୁରୋପୀୟ ସଂଘ କମିଶନ ଉପାଧ୍ୟକ୍ଷ କାଜା କଲାସ ଦୁଃଖ ପ୍ରକାଶ କରିବା ସହ ବିଶ୍ୱର ସମସ୍ତ କ୍ୟାଥଲିକଙ୍କୁ ସମବେଦନା ଜଣାଇଛନ୍ତି ।

ଜର୍ମାନ ଚାନ୍ସଲେର ଓଲାବ ସ୍କୋଲ୍ଜ୍ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, କ୍ୟାଥଲିକ୍ ଚର୍ଚ୍ଚ ଏବଂ ବିଶ୍ୱର ଅବହେଳିତମାନଙ୍କ ପାଇଁ କାର୍ଯ୍ୟ କରିବା ପାଇଁ ତତ୍ପର ଥିବା ଜଣେ ଭଲ ମଣିଷଙ୍କୁ ହରାଇଲା ବୋଲି କହିଛନ୍ତି।

ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଶୋକବ୍ୟକ୍ତ କରିବା ସହ କହିଛନ୍ତି, ସମସ୍ତଙ୍କ ପାଇଁ ନିରପେକ୍ଷ ବିଶ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କର ଉଦ୍ୟମ ସର୍ବଦା ସ୍ମରଣୀୟ ହୋଇ ରହିବ।

ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ମଧ୍ୟ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କୁ ଜଣେ ମହାନ୍ ପାଦ୍ରୀ ବୋଲି କହିଛନ୍ତି।

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ କହିଛନ୍ତି, ବୁଏନ୍ସ ଆୟର୍ସଙ୍କଠାରୁ ଆରମ୍ଭ କରି ରୋମ୍ ପର୍ଯ୍ୟନ୍ତ କ୍ୟାଥଲିକ ଚର୍ଚ୍ଚ ଗରିବମାନଙ୍କ ମନରେ ଆଶା ଏବଂ ଆନନ୍ଦ ଭରି ଦେବା ପାଇଁ ପୋପ୍ ଫ୍ରାନ୍ସିସ୍ ସର୍ବଦା ଚେଷ୍ଟିତ ଥିଲେ।

# ପିଏମ୍-ପୋପ୍ ଫ୍ରାନସିସ୍

ପୋପ୍ ଫ୍ରାନ୍ସିସ୍‌ଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକପ୍ରକାଶ କରିବା ସହ ବିଶ୍ୱର କ୍ୟାଥଲିକ୍ ସମ୍ପ୍ରଦାୟ ପ୍ରତି ସମବେଦନା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ପୋପ୍ ଫ୍ରାନ୍ସିସଙ୍କୁ ସମଗ୍ର ବିଶ୍ୱର କୋଟି କୋଟି ଲୋକ ଦୟା, ନମ୍ରତା ଏବଂ ଆଧ୍ୟାତ୍ମିକ ସାହସର ପ୍ରତୀକ ଭାବରେ ସର୍ବଦା ମନେ ରଖିବେ। ପ୍ରଧାନମନ୍ତ୍ରୀ କହିଛନ୍ତି, ଛୋଟବେଳୁ ପୋପ୍ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଆଦର୍ଶକୁ ସାକାର କରିବା ଦିଗରେ ନିଜକୁ ଉତ୍ସର୍ଗ କରିଥିଲେ। ସେ ନିଷ୍ଠାର ସହିତ ଗରିବ ଓ ଅବହେଳିତ ଲୋକଙ୍କ ସେବା କରିଥିଲେ ଏବଂ ଦୁଃଖ ଭୋଗୁଥିବା ଲୋକଙ୍କ ପାଇଁ ଆଶାର କିରଣ ଦେଖାଇଥିଲେ। ପୋପ୍‌ଙ୍କ ସହ ତାଙ୍କର ସାକ୍ଷାତକୁ ମନେ ପକାଇ ମୋଦୀ କହିଛନ୍ତି, ସମାବେଶୀ ଏବଂ ସର୍ବାଙ୍ଗୀନ ବିକାଶ ପାଇଁ ତାଙ୍କର ପ୍ରତିବଦ୍ଧତାରୁ ସେ ବହୁତ ପ୍ରେରିତ ହୋଇଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି, ପୋପ୍ ଫ୍ରାନ୍ସିସ୍‌ଙ୍କର ଭାରତବାସୀଙ୍କ ପ୍ରତି ସ୍ନେହ ସର୍ବଦା ସ୍ମରଣୀୟ ରହିବ।

## ବିଜେପି ମୁର୍ଶିଦାବାଦ

କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ତଥା ବିଜେପି ରାଜ୍ୟ ସଭାପତି ଡକ୍ଟର ସୁକାନ୍ତ ମଜୁମଦାର ଆଜି ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାର ସମସେରଗଞ୍ଜ'ର ୱାକ୍‌ଅଫ୍ ସଂଶୋଧନ ଆଇନ୍ ସମ୍ବନ୍ଧୀୟ ହିଂସ ପ୍ରଭାବିତ ଗ୍ରାମ ପରିଦର୍ଶନ କରିଛନ୍ତି। ଶ୍ରୀ ମଜୁମଦାର ସୀମା ସୁରକ୍ଷା ବଳ ବି.ଏସ୍.ଏଫ୍. କ୍ୟାମ୍ପରେ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେବା ସହ ଜାଫରାବାଦରେ ମୃତ ହରଗୋବିନ୍ଦ ଦାସ ଓ ଚନ୍ଦନ ଦାସଙ୍କ ପରିବାରଙ୍କୁ ମଧ୍ୟ ଭେଟିଛନ୍ତି। ଗତ ଏପ୍ରିଲ ୧୨ ତାରିଖରେ ହରଗୋବିନ୍ଦ ଦାସ ଓ ଚନ୍ଦନ ଦାସଙ୍କର ହିଂସାକାଣ୍ଡ ଘଟଣାରେ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୁଲିସ ଚାରି ଜଣଙ୍କୁ ଗିରଫ କରିଥିଲା। ୱାକଅଫ୍ ସଂଶୋଧନ ଆଇନ୍‌କୁ ବିରୋଧ କରି ମୁର୍ଶିଦାବାଦ ହିଂସା ଘଟଣାର ଗ୍ରାମବାସୀମାନେ ଏନ୍.ଆଇ.ଏ. ତଦନ୍ତ ଦାବି କରିଛନ୍ତି। ଡକ୍ଟର ମଜୁମଦାର ଗ୍ରାମବାସୀଙ୍କର ଦାବିକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଜଣେଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଏସ୍‌ସି-ପୂଜା ଖେଡ଼କର

ମହାରାଷ୍ଟ୍ର କ୍ୟାଡରର ବହିଷ୍କୃତ ଶିକ୍ଷାନବିଶ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପୂଜା ଖେଡ଼କରଙ୍କ ବିରୁଦ୍ଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ସୁପ୍ରିମକୋର୍ଟ ପୂର୍ବରୁ ଦେଇଥିବା ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶକୁ ମେ' ୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ସିଭିଲ୍

ସର୍ଭିସ ପରୀକ୍ଷାରେ ଜାଲିଆତି କରି ଅନ୍ୟାନ୍ୟ ପଛୁଆ ବର୍ଗ ଓ ଭିନ୍ନକ୍ଷମ କୋଟା ସୁବିଧା ପାଇବା ସହ ନିଜ ପରିଚୟ ଜାଲ୍ କରି ଧାର୍ଯ୍ୟ ସୀମାଠାରୁ ଅଧିକ ପ୍ରୟାସ କରୁଥିବା ଅଭିଯୋଗ ହୋଇଛି। ଜଷ୍ଟିସ୍ ବି.ଭି.ନାଗରତ୍ନା ଏବଂ ଜଷ୍ଟିସ୍ ଏସ୍.ସି. ଶର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ଖେଡ଼କରଙ୍କୁ ପଚରାଉଚରା ପାଇଁ ଆସନ୍ତା ମାସ ୨ ତାରିଖରେ ଦିଲ୍ଲୀ ପୁଲିସ ନିକଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି ଆଜି  ସ୍ଥଗିତ ରଖି ସର୍ବୋଚ୍ଚ ନ୍ୟାୟାଳୟ ଖେଡ଼କରଙ୍କ ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠର ସ୍ଥିତି ଯାଞ୍ଚ କରିବାକୁ ରେଜିଷ୍ଟ୍ରିକୁ କହିଛନ୍ତି ଏବଂ ଏହା ମଧ୍ୟରେ ଅନ୍ତରୀଣ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଅବଧି ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ  **ମାନସିକ ସ୍ୱାସ୍ଥ୍ୟ ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂଆଦିଲ୍ଲୀ ଏମ୍ସ୍‌ର ମାନସିକ ରୋଗ ବିଭାଗ ପ୍ରଫେସର ଡାକ୍ତର ରାଜେଶ ସାଗର ଏବଂ ଭେଷଜ ବିଭାଗ ପ୍ରଫେସର ଡାକ୍ତର ପୀୟୁଷ ରଞ୍ଜନ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  ୦୧୧-୨୩୪୨୧୦୫୦  ଓ ୦୧୧-

୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ ଏକ୍ସରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ମୁମ୍ବାଇ-ଇଣ୍ଡିଆ ମାଲଦ୍ୱୀପ

ଭାରତୀୟ ନୌସେନା ମୁମ୍ବାଇର ନୌସନା ଡକ୍‌ୟାର୍ଡରେ ମାଲଦ୍ୱୀପ ତଟରକ୍ଷୀ ଜାହାଜ ଏମ୍.ଏନ୍.ଡି.ଏଫ୍. ହୁରାଭୀର'ର ପୁନଃ କାର୍ଯ୍ୟକ୍ଷମ ପାଇଁ ଆନୁଷଙ୍ଗିକ ମରାମତି କାର୍ଯ୍ୟ ସଫଳତାର ସହ ଶେଷ କରି ଦୁଇ ଦେଶ ମଧ୍ୟରେ ଦୃଢ଼ କୂଟନୈତିକ ଏବଂ ସାମରିକ ସହଯୋଗ ଉପରେ ଆଲୋକପାତ କରିଛି। ଆଞ୍ଚଳିକ ସାମୁଦ୍ରିକ ନିରାପତ୍ତା ପ୍ରତି ଭାରତର ପ୍ରତିବଦ୍ଧତାର ଅଂଶସ୍ୱରୂପ ତଥା ଭାରତର ପଡ଼ୋଶୀ ପ୍ରଥମ ନୀତିର ଏକ ଅଂଶଭାବେ ଏହି ପୁନରୁଦ୍ଧାର କରାଯାଇଛି। ଜାହାଜଟି ମୁମ୍ବାଇର ନୌସେନା ଡକୟାର୍ଡରେ ନିଜର ପ୍ରଥମ ନର୍ମାଲ ରିଫିଟ୍ ଶେଷ କରି ମାଲଦ୍ୱୀପ ଅଭିମୁଖେ ଯାତ୍ରା କରିବ। ଗତବର୍ଷ ନଭେମ୍ବର ୧୩ ତାରିଖରେ ମୁମ୍ବାଇରେ ପହଁଞ୍ଚିବା ପରଠାରୁ ଗତ ୪ ମାସ ମଧ୍ୟରେ ଜାହାଜଟିର ସମସ୍ତ ଯନ୍ତ୍ରପାତି, ଅସ୍ତ୍ରଶସ୍ତ୍ର ଏବଂ ସେନସର୍'ର ରକ୍ଷଣାବେକ୍ଷଣ ସହ ଉନ୍ନତିକରଣ ସମ୍ବନ୍ଧୀୟ ପ୍ରମୁଖ କାର୍ଯ୍ୟ ହାତକୁ ନିଆଯାଇଥିଲା।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି କୋଲ୍‌କାତା ନାଇଟ୍ ରାଇଡର୍ସ ଓ ଗୁଜରାଟ୍ ଟାଇଟନ୍‌ସ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ କୋଲ୍‌କାତାର ଇଡେନ୍ ଗାର୍ଡେ଼ନ୍‌ଠାରେ ଆଉ କିଛି ସମୟ ପରେ ଖେଳାଯିବ । ଆଇପିଏଲ୍ କ୍ରିକେଟର ଆଜିର ମ୍ୟାଚ୍‌ରେ ଟସ୍ ଜିତି କୋଲକାତା ନାଇଟ୍ ରାଇଡର୍ସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ପଏଣ୍ଟ ଟେବୁଲରେ କୋଲକାତା ନାଇଟ ରାଇଡର୍ସ ୭ଟି ମ୍ୟାଚ୍‌ରୁ ତିନୋଟି ବିଜୟ ସହ ୬ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଥିବା ବେଳେ ଗୁଜୁରାଟ ଟାଇଟନ୍ସ ୭ଟି ମ୍ୟାଚ୍‌ରୁ ୫ଟି ବିଜୟୀ ସହ ୧୦ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି ।